# "ଶ୍ୱଶୁର ଏବଂ ଶାଶୁ ଯେତେଯାହା କହିଲେ ମଧ୍ୟ ମୋ ସ୍ତ୍ରୀ ସେ କଥା ଶୁଣୁନାହିଁ" !

ମୋର ନାମ ପ୍ରଫୁଲ୍ଲ କୁମାର ଓଝା (ଛଦ୍ମନାମ) । ଘର କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ । ଆମେ ଦୁଇ ଭାଇ ଓ ଗୋଟିଏ ଭଉଣୀ । ତା-୨୧-୦୪-୨୦୧୦ରିଖ ଦିନ ମୁଁ ଘର ଲୋକଙ୍କର ଅନିଚ୍ଛା ସତ୍ତ୍ୱେ ଭଲପାଇ ବିବାହ କଲି । ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ଆମେ ଉଭୟେ କାର୍ଯ୍ୟ କରୁଥିଲୁ । ବିବାହ ପରେ ପରିବାରର ସଦସ୍ୟମାନେ ଆମ ସହିତ ସମ୍ପର୍କ ରଖିଲେ ନାହିଁ । ଏହାର କିଛିଦିନ ପରେ ଆମର ଏକ କନ୍ୟା ସନ୍ତାନ ଜନ୍ମ ହେଲା । ଯିଏକି ଶାରିରୀକ ବିକଳାଙ୍ଗ ଥିଲା । ଆମେ ରହୁଥିବା ଘରଠାରୁ ମାତ୍ର ତିନି କି.ମି. ଦୂରରେ ମୋର ଶ୍ୱଶୁରଙ୍କ ଘର । ମୋତେ ନଜଣାଇ ମୋର ସ୍ତ୍ରୀ ଘରେ ଥିବା ସ୍ୱର୍ଣ୍ଣ ଅଳଙ୍କାର ସହିତ ପଇସା ପତ୍ର ନେଇ ତାଙ୍କ ବାପାଙ୍କ ଘରେ ରଖିଲେ । ଏହି ଘଟଣାକୁ ନେଇ ଆମ ଭିତରେ ସାମାନ୍ୟ ମତାନ୍ତର ସୃଷ୍ଟି ହେଲା । ଏହାପରେ ସର୍ବଦା ମୋ ସ୍ତ୍ରୀ ମୋ ପାଇଁ ବିକଳାଙ୍ଗ ଛୁଆ ଜନ୍ମ ହୋଇଛି ବୋଲି ପାଟି ତୁଣ୍ଡ କରେ । ଯାହାକୁ ମୁଁ ସମ୍ପୂର୍ଣ୍ଣ ବିରୋଧ କରେ । ଧିରେ ଧିରେ ସେ ମୋ ପାଖରେ ଆଉ ରହିଲେ ନାହିଁ ଏବଂ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହିତ ଅନୈତିକ ସମ୍ପର୍କ ରଖିଲେ, ଯାହାକୁ ମୁଁ ସମ୍ପୂର୍ଣ୍ଣ ବିରୋଧ କରିଲି । ମୁଁ ଏବେ ଗାଁରେ ଚାଷ କାମ କରି ଚଳୁଛି । ମାତ୍ର ସ୍ତ୍ରୀ ମୋର ପୂର୍ବବର୍ତ୍ତୀର ସେହି କମ୍ପାନୀରେ କାର୍ଯ୍ୟ କରୁଛନ୍ତି । କମ୍ପାନୀର କିଛି ଲୋକଙ୍କର ଡକରା ପାଇ ସମାଧାନ ହେବା ଉଦ୍ଦେଶ୍ୟରେ ମୁଁ ଭୁବନେଶ୍ୱର ଆସି ପହଞ୍ଚିଲି । ମାତ୍ର କମ୍ପାନୀର ଗେଟ୍ ଭିତରେ ପୁରାଇ ମୁଁ ଚୋରୀ କରୁଥିଲି ବୋଲି କହି ମୋତେ ପାଞ୍ଚ ଛଅ ଜଣ ଲୋକ ନିର୍ଘୁମ୍ ମାଡ଼ ମାରିଲେ ଏବଂ ଭୁବନେଶ୍ୱର ଇନ୍‌ଫୋସିଟି ଥାନାର ପି.ସି.ଆର. ଗାଡ଼ିକୁ ଡାକି ଥାନାକୁ ନେଇଗଲେ । ମାତ୍ର ଥାନାର ଭାରପ୍ରାପ୍ତ ଅଧିକାରୀ ଘଟଣା ବିଷୟରେ ବୁଝି ମତେ ମାରିଥିବା ଲୋକମାନଙ୍କୁ ଗିରଫ୍ କରିବାକୁ କହିବାରୁ ଓଡ଼ିଶାର ପ୍ରତିଷ୍ଠିତ ଶିଳ୍ପପତିଙ୍କ କହିବା ଅନୁସାରେ ଯିଏ କି ଉକ୍ତ କମ୍ପାନୀର ମାଲିକ, ମୋତେ କିମ୍ବା ସେମାନଙ୍କୁ ଗିରଫ୍ କରାଗଲା ନାହିଁ । ଥାନାରେ ଆପୋଷ ସମାଧାନ କରି ମୋତେ ଛାଡ଼ି ଦେଇଥିଲେ । ଏବେ ମୁଁ ମୋ ଭାଇ ପାଖରେ ରହୁଛି । ମୋର ବିକଳାଙ୍ଗ ଝିଅ ତା ଆଇ ପାଖରେ । "ଶ୍ୱଶୁର ଏବଂ ଶାଶୁ ଯେତେଯାହା କହିଲେ ମଧ୍ୟ ମୋ ସ୍ତ୍ରୀ ସେ କଥା ଶୁଣୁନାହିଁ" । ମୋ ନାଁରେ କେସ୍ କରି ମୋଠାରୁ ପାଞ୍ଚ ଲକ୍ଷ ଟଙ୍କା କ୍ଷତିପୂରଣ ନେବାକୁ ଜିଦ୍ ଧରୁଛି । ଏପରିକି ତାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିବା ପୁରୁଷର ସହାୟତାରେ ଭୁବନେଶ୍ୱର କୋର୍ଟରେ ମୋ ନାମରେ ଏକ ଭରଣ ପୋଷଣ ମାମଲା ଦରଜ୍ କରାଯାଇଛି । ଯେଉଁ ଆବେଦନ ପତ୍ରରେ ମୋ ସ୍ତ୍ରୀ ରହୁଥିବା ସତ୍ୟପାଠରେ କୁହାଯାଇଛି ଯେ, ଶୈଳଶ୍ରୀ ବିହାରର ଏଚ୍. ଆଇ. ଜି.ରେ ରହୁଥିବା କଥା । ବାସ୍ତବରେ ସେ ସେଠାରେ ରହୁନାହାଁନ୍ତି । କେନ୍ଦ୍ରାପଡ଼ାରୁ ଭୁବନେଶ୍ୱର ଆସିବା ପାଇଁ ମୋର ସମ୍ବଳ ନାହିଁ । ମାନସୀକ ଚିନ୍ତାରେ ମୁଁ ଏବେ ରୋଗଗ୍ରସ୍ତ । ଓକିଲମାନଙ୍କୁ ଯୋଗାଯୋଗ କଲେ ସେମାନେ ବିନା ଖର୍ଚ୍ଚରେ କିଛି କରିପାରିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଉଛନ୍ତି । ଏଭଳି ପରିସ୍ଥିତିରେ କାମ କରିବା ମୋ ପକ୍ଷରେ କଷ୍ଟକର ହୋଇ ପଡ଼ିଛି । ମୋ ସ୍ତ୍ରୀର ପ୍ରେମୀକ ମୋତେ ଧମକ ଦେଇ କହିଛନ୍ତି ଯେ, ମୋତେ ସେମାନେ ଆତ୍ମହତ୍ୟା କରିବା ବାଧ୍ୟ କରିବେ । ଶେଷରେ ଏଭଳି ପରିସ୍ଥିତି ଆସିବ ମୁଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବି............

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।